ଗୋରୁଙ୍କ ବର୍ଷାଦିନିଆ ରୋଗ

ଡା. ସାରଦା ପ୍ରସନ୍ନ ସାହୁ

ଡା. ରଞ୍ଜନ କୁମାର ମହାନ୍ତ

ସାଧାରଣତଃ ଅନ୍ୟ ଋତୁ ତୁଳନାରେ ବର୍ଷାଋତୁରେ ଗୋପାଳନରେ ଅନେକ ସମସ୍ୟା ଦେଖାଦେଇଥାଏ । ବର୍ଷାଦିନରେ ବାୟୁମଣ୍ଡଳର ତାପମାନ ହ୍ରାସ ଓ ଜଳବାୟୁରେ ଆର୍ଦ୍ରତା ବୃଦ୍ଧି ଯୋଗୁ ପରିବେଶରେ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶ ବୃଦ୍ଧି ଘଟିଥାଏ । ଏହି ଅଣୁଜୀବ ଯଥା ଜୀବାଣୁ, ଭୂତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀ ଗୋରୁଙ୍କ ରୋଗର କାରକ ଓ ବାହକ ହିସାବରେ କାମ କରିଥାନ୍ତି । ବର୍ଷାଦିନରେ ଦେଖାଯାଉଥିବା ଜୀବାଣୁ, ଭୂତାଣୁ ଓ କବକଜନିତ ରୋଗ ମଧ୍ୟରେ ସାହାଣା, ବଜବଜିଆ, ଅଢେଇଦିନିଆ ଜ୍ୱର, ଫାଟୁଆ, ଗୋମଡକ, ଥନହରା, କାଶ, ସର୍ଦ୍ଦି, ଗଳାଫୁଲା ଆଦି ଅନ୍ୟତମ । ତାଛଡା କୃମି ଓ ଟିଙ୍କ ଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ବର୍ଷାଦିନରେ ଗୋପାଳକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ । ତେଣୁ ଚାଷୀଭାଇମାନେ ଏହି ରୋଗ କାରଣ ଜାଣି ସେଥିପାଇଁ ଉଦ୍ଦିଷ୍ଟ ପ୍ରତିକାର ବ୍ୟବସ୍ଥାମାନ କରାଇପାରିଲେ ବର୍ଷାଦିନରେ ଦେଖାଯାଉଥିବା ସମସ୍ୟାର ସମାଧାନ କରିପାରିବେ ।

ସାହାଣା ରୋଗ : ଏହା ସାଧାରଣତଃ ଗଳାଫୁଲା ରୋଗ ଭାବରେ ସମସ୍ତେ ଜାଣନ୍ତି । ଖାଦ୍ୟ ଓ ପାନୀୟ ଦ୍ୱାରା ଜୀବାଣୁଙ୍କର ସଂକ୍ରମଣ ଫଳରେ ଏହି ରୋଗ ବ୍ୟାପିଥାଏ । ରୋଗଣା ଗୋରୁଙ୍କଠାରୁ ଲାଳ ଦ୍ୱାରା ମଧ୍ୟ ଏହା ଅନ୍ୟ ସୁସ୍ଥ ଗୋରୁଙ୍କୁ ସଂକ୍ରମିତ ହୋଇଥାଏ ।

ଲକ୍ଷଣ : ଶରୀରର ତାପମାତ୍ରା ହଠାତ୍ ୧୦୪–୧୦୬ ଡିଗ୍ରୀ ଫାରେନହାଇଟ୍ ବଢ଼ିଯାଏ । ବେକ ତଳେ ଫୁଲା ବା ଜିଭ ଫୁଲା ହୋଇଥିବାର ଦେଖାଯାଏ । ଅନ୍ୟାନ୍ୟ ଲକ୍ଷଣ ମଧ୍ୟରେ ଆଖି ଲେଞ୍ଜରା ଦେବା, ଖାଦ୍ୟରୁ ରୁଚି କମିଯିବା, ପାଟିରୁ ଲାଳ ଗଡ଼ିବା, ନିଃଶ୍ୱାସର ଗତି ବଢ଼ିଯିବା ସହ ଶ୍ୱାସ ପ୍ରକ୍ରିୟାରେ ମଧ୍ୟ ପ୍ରାଣୀଟି କଷ୍ଟ ଅନୁଭବ କରିଥାଏ । ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳର ସିଙ୍ଗାଣି ବାହାରିଥାଏ । ଖୁବ୍ ଶୀଘ୍ର ରୋଗର ପ୍ରକୋପ ବଢ଼ିଯାଏ ଓ ଦିନକରୁ ଦୁଇଦିନ ମଧ୍ୟରେ ମୃତ୍ୟୁ ବି ହୋଇଯାଏ ।

ପ୍ରାଥମିକ ଚିକିତ୍ସା : ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ରୋଗଣା ପ୍ରାଣୀକୁ ଅଲଗା କରି ରଖିବା, ଜ୍ୱର କମାଇବା ଔଷଧ ଦେବା ସହିତ ଜୀବାଣୁନାଶକ ଔଷଧ ଦିଅନ୍ତୁ । ମୃତ ପ୍ରାଣୀଙ୍କୁ ଗଭୀର ଗାତ କରି ପୋତନ୍ତୁ । ଗୁହାଳର ପରିବେଶ ଓଦା ଓ ସନ୍ତସନ୍ତିଆ ନ ରଖିବା ପାଇଁ ମୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା କରନ୍ତୁ ।

ପ୍ରତିଷେଧକ : ବର୍ଷାଋତୁ ଓ ଶୀତଋତୁ ଆରମ୍ଭରେ ବର୍ଷକୁ ଦୁଇ ଥର ଟିକାକରଣ କଲେ ଏହି ରୋଗର ଆଶଙ୍କାକୁ ଦୂର କରାଯାଇପାରିବ ।

ବଜବଜିଆ: ବଜବଜିଆ ରୋଗ କେବଳ ସୁସ୍ଥ ବାଛୁରି ଓ କମ୍ (୬ମାସରୁ ୩ ବର୍ଷ) ବୟସର ପ୍ରାଣୀମାନଙ୍କୁ ସଂକ୍ରମଣ ଦ୍ୱାରା ବ୍ୟାପିଥାଏ । ଖାଦ୍ୟ, ପାନୀୟ ତଥା ମୃତ ଓ ରୋଗଣା ଗାଈର ସଂସ୍ପର୍ଶରେ ଆସିଲେ ଏହା ଖୁବ୍ ସହଜରେ ସଂକ୍ରମିତ ହୋଇଥାଏ ।

ଲକ୍ଷଣ : ଶରୀରର ତାପମାତ୍ରାର ୧୦୩–୧୦୪ ଡିଗ୍ରୀ ଫାରେନହାଇଟ ମଧ୍ୟରେ ବଢ଼ିଯାଏ । ମାଂସ ପଚିବା ଓ କଳା ପଡ଼ିଯିବା । ଆକ୍ରାନ୍ତ ମାଂସପେଶୀକୁ ଚିପିଲେ ବଜବଜ ବା କଟ୍‌କଟ୍ ଶବ୍ଦ କରିବା ସହ ସେଠାରୁ ପାଣି ଓ ଗ୍ୟାସ ବାହାରିଥାଏ । ଫୁଲା ଥିବା ସ୍ଥାନଟି ଗରମ ଲାଗିବା ଓ ବିନ୍ଧାବିନ୍ଧି କରିବା । ଆକ୍ରାନ୍ତ ହୋଇଥିବା ମାଂସପେଶୀ ଲାଗିଥିବା ଗୋଡ଼ଟି ଛୋଟେଇଥାଏ ।

ପ୍ରାଥମିକ ଚିକିତ୍ସା : ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ରୋଗଣା ପ୍ରାଣୀକୁ ଅଲଗା କରି ରଖିବା, ଜ୍ୱର କମାଇବା ଔଷଧ ଦେବା ସହିତ ଜୀବାଣୁନାଶକ ଔଷଧ ଦିଅନ୍ତୁ । ମୃତ ପ୍ରାଣୀଙ୍କୁ ଗଭୀର ଗାତ କରି ପୋତିଦିଅନ୍ତୁ । ଗାତକରି ପୋତା ହୋଇଥିବା ସ୍ଥାନରେ ଚୂନ ଏକ ବହଳିଆ ସ୍ତର ବିଛାନ୍ତୁ ।

ପ୍ରତିଷେଧକ : ବର୍ଷାଋତୁ ଓ ଶୀତଋତୁ ପୂର୍ବରୁ ସମସ୍ତ ବାଛୁରି ୬ ମାସରୁ ୩ ବର୍ଷ ମଧ୍ୟରେ ଟିକାକରଣ କରାନ୍ତୁ । ଏହି ଟିକାକରଣ କରାଇବାର ଠିକ୍ ୧୦ଦିନ ପରେ ଏହାର ଆଉ ଏକ ଟିକାକରଣ କରାଇବା ବିଧେୟ ।

ଫାଟୁଆ: ଏହା ଏକ ଭୂତାଣୁ ଜନିତ ରୋଗ ଯାହା ପ୍ରାୟ ସମସ୍ତ ଖୁରାଯୁକ୍ତ ପ୍ରାଣୀଙ୍କୁ ସଂକ୍ରମଣ ଦ୍ୱାରା ବ୍ୟାପିଥାଏ । ଖାଦ୍ୟ, ପାନୀୟ ଓ ପବନ ମାଧ୍ୟମରେ ଏହି ଭୂତାଣୁ ଅତି ସହଜରେ ବ୍ୟାପିଯାଇ ପ୍ରାଣୀଙ୍କ ମଧ୍ୟରେ ଅଧାମରା ପରିସ୍ଥିତି ସୃଷ୍ଟି କରିଥାଏ ।

ଲକ୍ଷଣ : ମୁହଁ, ପାଟି, ପାଦ ଓ ଖୁରାରେ ଘା' ହେବା ସହ ଭୀଷଣ ଜ୍ୱର ଆସି କିଛିଦିନ ପରେ କମିଯାଏ । ଖାଇବା ଓ ପାନୀୟ ବନ୍ଦ କରିଦେବା ଦ୍ୱାରା କ୍ଷୀର କମିଯାଏ । ମାଢି, ଜିଭ ଓ ଖୁରାରେ ଫୋଟକା ହୋଇଥାଏ, ତେଣୁ ପାଟିରୁ ଲାଳ ଗଡ଼ାଏ । ଏହି ରୋଗରେ ମୃତ୍ୟୁବରଣର ଆଶଙ୍କା କମ୍ ହୋଇଥିଲେ ମଧ୍ୟ ଏହି ରୋଗରେ ପ୍ରାଣୀର କ୍ଷୀର ଉତ୍ପାଦନ କ୍ଷମତା, ଗର୍ଭଧାରଣ କ୍ଷମତା ଓ କାର୍ଯ୍ୟ କରିବାର କ୍ଷମତା କମିଯାଏ ।

ପ୍ରାଥମିକ ଚିକିତ୍ସା : ଖାଇବା ସୋଢ଼ା (୫%) (୫ ଗ୍ରାମକୁ ୧୦୦ ମି.ଲି.ପାଣିରେ ମିଶାଇ) ଘା' ହୋଇଥିବା ସ୍ଥାନକୁ ପରିଷ୍କାର କରନ୍ତୁ । ପଟାସ ପାଣି କରି (୨%) (୨ ଗ୍ରାମକୁ ୧ ଲିଟର ପାଣିରେ ମିଶାଇ) ଘା' ଧୋଇବା ଦରକାର । ବୋରିକ୍ ଏସିଡ୍ ପାଉଡ଼ର ଓ ଗ୍ଲିସେରିନ୍(ବଜାରରେ ମିଳୁଥିବା)କୁ ମିଶାଇ ଅଠାଭଳି କରି ଘା'ରେ ଲଗାନ୍ତୁ ।

ପ୍ରତିଷେଧକ : ବର୍ଷକୁ ଦୁଇଥର ସାଧାରଣତଃ ବର୍ଷାଦିନ ପୂର୍ବରୁ ପ୍ରାଣୀଙ୍କୁ ଟିକାକରଣ କରାଇବା ନିହାତି ଦରକାର ।

ଅଢ଼େଇଦିନିଆ ଜ୍ୱର : ଏହା ମଧ୍ୟ ଏକ ଭୂତାଣୁଜନିତ ରୋଗ । ମଶା, ମାଛି ଓ ଡାଆଁଶ ସଂଖ୍ୟା ବଢ଼ିଯିବା ଦ୍ୱାରା ଏହା ବ୍ୟାପିଥାଏ ।

ଲକ୍ଷଣ : ଅଢେଇଦିନିଆ ଜ୍ୱରରେ ଶରୀରର ତାପମାତ୍ରା ୧୦୪–୧୦୬ ଡିଗ୍ରୀ ଫାରେନହାଇଟ୍ ବଢ଼ିଯିବା ଫଳରେ ପ୍ରାଣୀଟି ଖାଇବା ଓ ପାନୀୟ ବନ୍ଦ କରିଦିଏ ଏବଂ ପାଟିରୁ ଲାଳ ଗଡ଼ାଏ । କ୍ଷୀର କମିଯିବା ସହିତ ପ୍ରାଣୀଟି ଗୋଟିଏ ଗୋଡ ଛୋଟେଇବାକୁ ଲାଗେ ।

ପ୍ରାଥମିକ ଚିକିତ୍ସା : ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ରୋଗଣା ପ୍ରାଣୀକୁ ଅଲଗା କରି ରଖିବା, ଜ୍ୱର କମାଇବା ଔଷଧ ଦେବା ସହିତ ଜୀବାଣୁନାଶକ ଔଷଧ ଦିଅନ୍ତୁ । ଚିକିତ୍ସା କରିବା ଦ୍ୱାରା ଶୀଘ୍ର ଜ୍ୱର କମିଯାଇଥାଏ ଓ ପ୍ରାଣୀଟି ଛୋଟେଇବା କମାଇଦେଇଥାଏ । ଚିକିତ୍ସା ନ କଲେ ମଧ୍ୟ ଏହା ଅଢେଇଦିନ ପରେ ଭଲ ହୋଇଯାଇଥାଏ କିନ୍ତୁ ବେଳେବେଳେ ଶରୀରର ତାପମାତ୍ରା ବୃଦ୍ଧି ଯୋଗୁ ପ୍ରାଣୀଟି ମୃତ୍ୟୁବରଣ କରିଥାଏ ।

ପ୍ରତିଷେଧକ : ଏହି ରୋଗ ପାଇଁ କୌଣସି ଟିକାକରଣ କରିବାର ସୁବିଧା ନାହିଁ । ଗୁହାଳ ସଫାରଖିବା ସହ ମଶା, ମାଛି ଓ ଡାଆଁଶ ସଂଖ୍ୟା ହ୍ରାସ କରିବାର ବ୍ୟବସ୍ଥା କଲେ ଏହି ରୋଗ ଆଶଙ୍କାକୁ ଦୂର କରାଯାଇପାରିବ ।

କୃମି ରୋଗ : କୃମି ସାଧାରଣତଃ ଦୁଇ ପ୍ରକାରର, ଯଥା ଅନ୍ତଃକୃମି ବା ଭିତର କୃମି (କେଁଚୁଆ କୃମି, ଅଙ୍କୁଶ କୃମି, ଯକୃତ୍ କୃମି ଓ ବାହ୍ୟକୃମି ବା ବାହାର କୃମି (ଟିଙ୍କ,ଉକୁଣି , ଓଡସ) ।

ଅନ୍ତଃକୃମି ରୋଗ : ସାଧାରଣତଃ ବର୍ଷାଦିନ କୃମିଙ୍କ ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ବର୍ଷାଦିନର ସନ୍ତସନ୍ତିଆ ସ୍ଥାନ କୃମିଙ୍କ ଅଣ୍ଡାରୁ ଲାର୍ଭାରେ ପରିଣତ ହେବାସହିତ ଘାସ ପତ୍ରରେ ବା ଜଳର ଉପର ସ୍ତରରେ ଲାଗିରହିଥାନ୍ତି । ପ୍ରାଣୀଟି ସେଇ ଘାସ ଖାଇବା, ମାଟି ଚାଟିବା, ଚାରଣ ଭୂଇଁରେ ଖାଇବା ବା ପାଣି ପିଇବା ଦ୍ୱାରା କୃମି ଶରୀରରେ ପ୍ରବେଶ କରିଥାନ୍ତି । ଛୋଟ ବାଛୁରିକୁ ମା' ଗର୍ଭରେ ଥିଲାବେଳୁ ମଧ୍ୟ କେତେକ କୃମି ଆସିଥାନ୍ତି ।

ଲକ୍ଷଣ : ଓଜନ କମିଯିବା, ପତଳା ଓ ଦୁର୍ବଳ ହୋଇଯିବା, ଝାଡ଼ାରେ ରକ୍ତ ପଡ଼ିବା, ଲାଳରକ୍ତ ଝାଡ଼ା ହେବା, ପେଟ ଫୁଲିବା, ମୁହଁ ତଳେ ପାଣି ଜମିବା, ଝାଡ଼ା ପତଳା ଓ ଦୁର୍ଗନ୍ଧ ହେବା, ଲୋମ ଶୁଖିଲା ହୋଇଯିବା, କ୍ଷୀର ଓ ଖାଦ୍ୟର ପରିମାଣ କମିଯିବା, ଗରମ ଲେଉଟାଇବା ଆଦି ଲକ୍ଷଣମାନ ଦେଖିବାକୁ ମିଳିଥାଏ ।

ପ୍ରାଥମିକ ଚିକିତ୍ସା : କୃମିର ପ୍ରକାର ନେଇ ଅଲଗା ଅଲଗା ଔଷଧ ହୋଇଥିବାରୁ ନିକଟସ୍ଥ ପ୍ରାଣୀଚିକିତ୍ସା କେନ୍ଦ୍ରରେ ଗୋବର ପରୀକ୍ଷା ଦ୍ୱାରା କୃମି ଚିହ୍ନଟ କରି ଔଷଧ ଖାଇବାକୁ ଦିଅନ୍ତୁ । ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ । କୃମି ମୁକ୍ତ କରିବା ପାଇଁ ଅତିକମ୍‌ରେ ବର୍ଷକୁ ଦୁଇ ଥର ଗୋବର ପରୀକ୍ଷା କରି କୃମିନାଶକ ଔଷଧ ଖୁଆଇ ଦିଅନ୍ତୁ । ବାଛୁରି ଜନ୍ମର କୋଡିଏ ଦିନ ପରେ ପ୍ରଥମ କୃମି ଔଷଧ ଖାଇବାକୁ ଦିଅନ୍ତୁ । ଖାଦ୍ୟସାର ମିଶ୍ରିତ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

ବାହ୍ୟକୃମି (ଚର୍ମରୋଗ) : ବାହ୍ୟକୃମି ସାଧାରଣତଃ ଚର୍ମରୋଗ କରିଥାନ୍ତି । ଖାଦ୍ୟସାର ଅଭାବ, ଟିଙ୍କ, ଉକୁଣି, ଡାଆଁଶ ଆକ୍ରମଣ ଓ ଗୁହାଳଘରର ପରିବେଶ ସଫା ନ ରଖିବା ଫଳରେ ଏହି ରୋଗ ହୋଇଥାଏ ।

ଲକ୍ଷଣ : ଚମଡ଼ା ଖଦଖଦଡ଼ିଆ ଦେଖାଯିବା, କୁଣ୍ଡାଇ ହେବା, କୁଣ୍ଡାଇ ଘା' ହୋଇଯିବା, ଦୁର୍ବଳ ହୋଇଯିବା, ରକ୍ତହୀନତା, ଖାଦ୍ୟରେ ରୁଚି ନ ରଖିବା ଆଦି ଲକ୍ଷଣମାନ ଦେଖିବାକୁ ମିଳିଥାଏ ।

ପ୍ରାଥମିକ ଚିକିତ୍ସା : ୨% ମାଲାଥିଅନ୍ ଔଷଧ ଗୁହାଳଘରେ ସିଞ୍ଚନ କରନ୍ତୁ । ଗାମାକ୍‌ସିନ୍ ଗୋରୁ ରହୁଥିବା ସ୍ଥାନରେ ପକାନ୍ତୁ । ୨% ସାଇପରମେଥିନ୍ ସିଞ୍ଚନ୍ତୁ । ଗାଈକୁ ସୁଷମ ଖାଦ୍ୟ ଦେବା ସହିତ ସଫାସୁତୁରା ରଖନ୍ତୁ ।

ଥନହରା ରୋଗ: ଥନହରା ରୋଗ ସାଧାରଣତଃ ବର୍ଷାଦିନରେ ଜୀବାଣୁ, ଭୂତାଣୁ ଓ କବକ ସଂକ୍ରମଣ ଦ୍ୱାରା ହୋଇଥାଏ । ଅପରିଷ୍କାର ଗୁହାଳ, ସନ୍ତସନ୍ତିଆ ଜାଗା ଓ କ୍ଷୀର ଦୁହିଁଲା ବେଳେ ହାତ ନ ଧୋଇଲେ ବର୍ଷାଦିନରେ ଏହି ରୋଗ ହେବାର ଆଶଙ୍କା ଥାଏ ।

ଲକ୍ଷଣ : ପହ୍ନା ଦରଜ, ଫୁଲା ଓ ଟାଣ ହେବା ସହିତ କ୍ଷୀର ଛିଣ୍ଡିଯିବା, କ୍ଷୀରରେ ପାଣି ଅଂଶ ଅଧିକହେବା, ଚିରରୁ ରକ୍ତ ଓ ପୂଯ ବାହାରିବା ପରି ଲକ୍ଷଣମାନ ଦେଖାଦେଇଥାଏ ।

ପ୍ରାଥମିକ ଚିକିତ୍ସା : କ୍ଷୀର ଦୁହିଁବା ସମୟରେ ହାତ ଭଲ ଭାବରେ ଧୁଅନ୍ତୁ, ଥନହରା ଆକ୍ରାନ୍ତ ଚିରର କ୍ଷୀରକୁ ଦୁହିଁ ବାହାରେ ଫିଙ୍ଗି ଦିଅନ୍ତୁ । ଥନହରା ଆକ୍ରାନ୍ତ ଚିରକୁ ଶେଷରେ ଦୁହଁନ୍ତୁ । କ୍ଷୀର ଦୁହିଁବା ପରେ କିଛି ଗୋଖାଦ୍ୟ ଖାଇବାକୁ ଦିଅନ୍ତୁ ବା ଗାଈଟିକୁ କିଛି ସମୟ ପାଇଁ ମୁକ୍ତ ଜାଗାକୁ ଛାଡି ଦିଅନ୍ତୁ । ପହ୍ନାର ଯତ୍ନ, ମଶା ଓ ମାଛି ନିୟନ୍ତ୍ରଣ ସହ ଗୁହାଳର ପରିଷ୍କାର ରଖନ୍ତୁ । ଥନହରା ରୋଗରେ ଡେରି ନ କରି ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ ।

ଆପଣ ଏ ସବୁ ଜାଣନ୍ତି କି ? ଗାଈଙ୍କୁ ଅପରିଷ୍କାର ଜାଗାରୁ ଦୂରେଇ ରଖନ୍ତୁ । ବର୍ଷାଦିନରେ ଗୋରୁଙ୍କୁ ଅଧିକ ରୋଗ ହେଉଥିବାରୁ ବିଶେଷ ଭାବରେ ଧ୍ୟାନ ଦିଅନ୍ତୁ । ଅଧିକ କଅଁଳିଆ ଘାସ ଖାଇବା ଦ୍ୱାରା ମ୍ୟାଗନେସିୟମ୍ ଅଭାବ ରୋଗ ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରି କୃମିନାଶକ ଔଷଧ ଖୁଆନ୍ତୁ । ବର୍ଷାରେ ଗୋରୁଙ୍କୁ ଓଦା କରନ୍ତୁ ନାହିଁ । ଓଦା ହେଇଯାଇଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଟିକାକରଣ କରାନ୍ତୁ ।

– ପ୍ରାଣୀ ଚିକିତ୍ସକ, ମୋ: ୯୪୩୮୪୦୮୧୦୫